ଧରିତ୍ରୀ
DHARITRI
ବୁଧବାର, ୨୪ ଅଗଷ୍ଟ, ୨୦୨୨



## ସଂକ୍ଷେପରେ

### ପ୍ରଶାନ୍ତ ପଣ୍ଡା ଛାତ୍ର ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି



ନବରଙ୍ଗପୁର, ୨୩।୮(ବି.ପ୍ର.)- ନବରଙ୍ଗପୁର ଜିଲା ଛାତ୍ର ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତିଭାବେ ପ୍ରଶାନ୍ତ ପଣ୍ଡା(ଦିଲ୍ଲୁ)ଙ୍କୁ ପୁଣି ଦଳ ଦାୟିତ୍ୱ ଦେଇଛି। ଦ୍ୱିତୀୟ ଥର ପାଇଁ ଦଳ ଏହି ଦାୟିତ୍ୱ ଦେଇଥିବାରୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଏମ୍‌ପି ରମେଶ ଚନ୍ଦ୍ର ମାଝି, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ଓ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ରାଜ୍ୟରେ ଛାତ୍ର ସଂଗଠନ ସୁଦୃଢ଼ କରାଯିବା ସହ ବିଜେଡିର ସମସ୍ତ କାର୍ଯ୍ୟକ୍ରମ ସଫଳ ରୂପାୟନ ଉପରେ ଗୁରୁତ୍ୱ ଦେବି ବୋଲି କାର୍ଯ୍ୟକରି ସଭାପତି ପଣ୍ଡା କହିଛନ୍ତି।

### ଉପ କାରାଗାରରେ ଅରବିନ୍ଦଙ୍କ ଜୟନ୍ତୀ ପାଳିତ

ଗୁଣପୁର,୨୩।୮(ଡି.ଏନ୍.ଏ.)- ରାୟଗଡା ଜିଲା ଗୁଣପୁର ଉପକାରାଗାରରେ ଯୋଗୀ ଶ୍ରୀ ଅରବିନ୍ଦଙ୍କ ୧୫୦ ତମ ଜନ୍ମ ଶତ ବାର୍ଷିକୀ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ସବ ଜେଲର କାମାକ୍ଷା ପତିଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ସୋମନାଥ ଗୌଡ ଓ ଯୋଗେନ୍ଦ୍ର ନାରାୟଣ ଦେଓ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଅରବିନ୍ଦଙ୍କ ଜିବନୀ, ଯୋଗ ଏବଂ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପ କାରାଗାରର ସମସ୍ତ ଅନ୍ତେବାସୀ ଉପସ୍ଥିତ ଥିଲେ।

### ପାଗଳ କୁକୁର ଆତଙ୍କ: ୨ ଦିନରେ ୪ ଆହତ

ଡାବୁଗାଁ, ୨୩।୮ (ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଡାବୁଗାଁ ଅଞ୍ଚଳରେ କିଛି ଦିନ ହେଲା ଏକ ପାଗଳ କୁକୁର ଆତଙ୍କ ଖେଳାଇଛି। ସୋମବାର ଦିନ ସକାଳ ସମୟରେ ବିକାଶ ହରିଜନ (୨୪)ଙ୍କୁ କୁକୁରଟି କାମୁଡି ଥିଲା। ପରେ ରାତିରେ ସନପତ ପନକା (୫୦)ଙ୍କୁ କାମୁଡି ଥିଲା। ମଙ୍ଗଳବାର ସକାଳ ସମୟରେ ରାଇସିଂ ପୂଜାରୀ (୪୯), ନନ୍ଦିନୀ ଭତ୍ରା (୯) ଙ୍କୁ କାମୁଡିବା ଥିଲା। ଏହାପରେ ଡାବୁଗାଁସ୍ଥିତ ଡଙ୍ଗରଗୁଡା ସାହିର ଜଣେ ୬ ବର୍ଷର ଶିଶୁ ସୋମନାଥ ଗୌଡ଼ (୬) ଗାଧୋଉଥିବା ସମୟରେ ଆକ୍ରମଣ କରିଥିଲା। ଶିଶୁଟିକୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆ ଯାଇଥିଲା। ସେଠାରେ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଡାକ୍ତର ପ୍ରଣବ ସ୍ୱର୍ଣ୍ଣକାର ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ।

### ମାଲବାହୀ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

ରାୟଗଡା ଅଫିସ, ୨୩।୮ - ମଝି ଘରିଆଣି ମନ୍ଦିର ବ୍ରିଜ ନିକଟରେ ଏକ ମାଲବାହୀ ଟ୍ରକ ଓଲଟି ପଡିଛି। ଆନ୍ଧ୍ରପ୍ରଦେଶରୁ ଆସୁଥିବା ବେଳେ ଦୁର୍ଘଟଣା ଘଟିଛି। ଏହା ଫଳରେ ଉଭୟ ପାର୍ଶ୍ୱରେ ଗାଡ଼ି ଗୁଡିକ ଲାଇନ ହୋଇ ରହିଛି। ଦୀର୍ଘ ଘଣ୍ଟା ଧରି ଉଭୟ ପାର୍ଶ୍ୱରେ ଟ୍ରକ, ଅଟୋ, ବାଇକ୍, ସ୍କୁଟି ଗୁଡିକ ଅଟକି ରହିଛି। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ହଟା ଯାଇ ନାହିଁ। ଏଠାରେ ବାରମ୍ବାର ଦୁର୍ଘଟଣା ଘଟୁଥିଲେ ସୁଦ୍ଧା ନୂତନ ବ୍ରିଜ ନିର୍ମାଣ ପ୍ରତି ଧ୍ୟାନ ଦିଆଯାଉ ନାହିଁ ଏବଂ ନୂତନ ବାଇପାସ ରୋଡ଼ କାମ ଆଗେଇ ପାରୁ ନ ଥିବାରୁ ସ୍ଥାନୀୟ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ରାସ୍ତା ଅବରୋଧ, ଧାରଣା ଚେତାବନୀ

**ମରଣଯନ୍ତା ପାଲଟିଛି ରାୟଗଡ଼ା ଫ୍ଲାଏ ଓଭର ବ୍ରିଜ୍**

- ସ୍ଥାୟୀ ସମାଧାନ ଦାବି କଲା ରାୟଗଡ଼ା ଜିଲା ବିକାଶ ମଞ୍ଚ
- ଜିଲାପାଳଙ୍କୁ ସଂଘର ଦାବିପତ୍ର

ରାୟଗଡ଼ା ଅଫିସ, ୨୩।୮

ରାୟଗଡ଼ା ସହର ମଧ୍ୟ ଦେଇ ଯାଇଥିବା ୩୨୬ ନଂ. ଜାତୀୟ ରାଜପଥ ଉପରେ ଥିବା ଫ୍ଲାଏ ଓଭର ବ୍ରିଜ୍‌ଟି ଶୋଚନୀୟ ହୋଇପଡ଼ିଛି। ଏହାର ସ୍ଥାୟୀ ସମାଧାନ ପାଇଁ ରାୟଗଡ଼ା ଜିଲା ବିକାଶ ମଞ୍ଚ ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛି। ୧୫ ଦିନ ଭିତରେ ସମସ୍ୟାର ସମାଧାନ ନ ହେଲେ ସଂଘ ପକ୍ଷରୁ ରାସ୍ତା ଅବରୋଧ ସହ ଧାରଣା ଦିଆଯିବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।



ଜିଲାପାଳ ସ୍ୱାଧାଦେବ ସିଂ ଦାବିପତ୍ର ଗ୍ରହଣ କରୁଛନ୍ତି।

୩୨୬ ନଂ. ଜାତୀୟ ରାଜପଥ ରାୟଗଡ଼ା ସହର ମଧ୍ୟ ଦେଇଯାଇଛି। ରାୟଗଡ଼ା ସହର ମଧ୍ୟଭାଗରେ ରେଲଲାଇନ ଯାଇଥିବା ହେତୁ ଏହା ଉପର ଦେଇ ଯାତାୟାତ କରିବା ନିମନ୍ତେ ଏକ ଫ୍ଲାଏ ଓଭରବ୍ରିଜ୍‌ର ନିର୍ମାଣ କରାଯାଇଥିଲା। ଏହି ଫ୍ଲାଏ ଓଭର ବ୍ରିଜଟି ରାୟଗଡ଼ା ସହରର ଦୁଇ ପାର୍ଶ୍ୱକୁ ସଂଯୋଗ କରୁଛି। ଏହି ରାସ୍ତା ଦେଇ ଦିନ ତମାମ ଶହଶହ ଭାରିଯାନ ଯାତାୟାତ କରେ। ରକ୍ଷଣାବେକ୍ଷଣ ଅଭାବରୁ ଦିନକୁ ଦିନ ଏହି ଫ୍ଲାଏ ଓଭରର ବହୁ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ମାନ ସୃଷ୍ଟି ହୋଇଛି। ଏଥିଯୋଗୁ ବହୁ ସମୟରେ ବଡ଼ ବଡ଼ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି। ଏହି ଫ୍ଲାଏ ଓଭର ବ୍ରିଜ୍‌ର ଠିକ୍ ରକ୍ଷଣାବେକ୍ଷଣ ଅଭାବରୁ ଦିନକୁ ଦିନ ଏହା ଦୁର୍ବଳ ହେବାରେ ଲାଗିଛି। ଏହି ଫ୍ଲାଏ ଓଭର ବ୍ରିଜର ସ୍ଥାୟୀ ସମାଧାନ ନିମନ୍ତେ ୨୦୨୧ ସେପ୍ଟେମ୍ବର ୧୯ରେ ତତ୍କାଳୀନ ଜିଲାପାଳଙ୍କୁ ସଂଘ ପକ୍ଷରୁ ଏକ ଦାବିପତ୍ର ଦିଆଯାଇଥିଲା। ଭେଟି ଏହାର ସମାଧାନ ନିମନ୍ତେ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ତାହାର ମଧ୍ୟ ସୁଫଳ ମିଳିନାହିଁ। ରାୟଗଡ଼ା ଜିଲା ବିକାଶ ମଞ୍ଚ ସଭାପତି ଦୟାନନ୍ଦ ଖାଡ଼ଙ୍ଗାଙ୍କ ନେତୃତ୍ୱରେ ଏହି ସଦସ୍ୟମାନେ ଯାଇ ଦାବିପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ର ପ୍ରଦାନବେଳେ ରାୟଗଡ଼ା ଜିଲା ବିକାଶ ମଞ୍ଚ ସମ୍ପାଦକ ପ୍ରଶାନ୍ତ କୁମାର ପଟ୍ଟନାୟକ, ଉପଦେଷ୍ଟା ନନ୍ଦକିଶୋର ଚୌଧୁରୀ, ସାରଥି ପଟ୍ଟନାୟକ, କୋଷାଧ୍ୟକ୍ଷ ସୁରେଶ ସାହୁ, ସଭ୍ୟ ମନୋଜ କୁମାର ସାହୁ, ବାଳକୃଷ୍ଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଗୁଡାରୀରୁ ବିଶାଖାପାଟଣା ବସ୍ ଚାଲିବାକୁ ଆନ୍ଧ୍ର ସରକାରଙ୍କ ଅନୁମତି

ଗୁଡ଼ାରୀ,୨୩।୮(ଡି.ଏନ୍.ଏ)

ଗୁଡ଼ାରୀରୁ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାକୁ ଏକ ସରକାରୀ ବସ ଚଳାଚଳ କରିବା ନିମନ୍ତେ ଶ୍ରୀକାକୁଲମ ଡେପୁଟି ଟ୍ରାନ୍ସପୋର୍ଟ କମିଶନର ସି.ଏଚ୍. ଶ୍ରୀଦେବୀ ଶ୍ରୀକାକୁଲମ ଜିଲା ଟ୍ରାନ୍ସପୋର୍ଟ ଅଧିକାରୀଙ୍କୁ ଚିଠି କରିଛନ୍ତି। ଏ ସମ୍ପର୍କରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲକା ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଓ ଆନ୍ଧ୍ରପ୍ରଦେଶ ପରିବହନ ମନ୍ତ୍ରୀଙ୍କୁ ଏକ ଚିଠି ଲେଖିଥିଲେ। ଯେଉଁ ଚିଠି ଗୁଡ଼ାରୀ ପୋଷ୍ଟ ଅଫିସରୁ 'ୟୁଥ ଫର ଚେଞ୍ଜ' ସଦସ୍ୟମାନେ ଗତ ଅଗଷ୍ଟ ୩ରେ ରେଜିଷ୍ଟ୍ରି ପୋଷ୍ଟ କରିଥିଲେ।

ଗୁଡ଼ାରୀରୁ ଭୁବନେଶ୍ୱର, ଜୟପୁର ଓ ବିଶାଖାପାଟଣାକୁ ସରକାରୀ ବସ ଚଳାଚଳ ନିମନ୍ତେ ୟୁଥ ଫର ଚେଞ୍ଜ ଯୁବ ଗୋଷ୍ଠୀ ଅଞ୍ଚଳବାସୀଙ୍କ ସହଯୋଗରେ ବ୍ଲକ ପ୍ରଶାସନ, ମୁଖ୍ୟମନ୍ତ୍ରୀ, ୫–ଟି ସଚିବଙ୍କୁ ଅବଗତ କରାଇଥିଲେ। କିନ୍ତୁ କୌଣସି ଫଳ ମିଳିନଥିଲା। ପରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲକାଙ୍କୁ ଏ ସମ୍ପର୍କରେ ଅବଗତ କରାଇବା ପରେ ସେ ନିଜ ଲେଟର ପ୍ୟାଡରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଓ ପରିବହନ ମନ୍ତ୍ରୀଙ୍କୁ ଚିଠି ଲେଖି ୟୁଥ ଫର ଚେଞ୍ଜ ଯୁବ ଗୋଷ୍ଠୀଙ୍କୁ ଗୁଡ଼ାରୀରୁ ପୋଷ୍ଟ କରିବା ନିମନ୍ତେ ଦେଇଥିଲେ। କୋରାପୁଟ ଏମ୍‌ପିଙ୍କୁ ଅଞ୍ଚଳବାସୀ ଧନ୍ୟବାଦ ଜଣାଇଛନ୍ତି। ପ୍ରକାଶ ଯେ, ଗୁଡ଼ାରୀ ଅଞ୍ଚଳବାସୀ ବିଶେଷ କରି ସ୍ୱାସ୍ଥ୍ୟ ଓ ବ୍ୟବସାୟ ନିମନ୍ତେ ବିଶାଖାପାଟଣା ଉପରେ ନିର୍ଭର କରିଥାନ୍ତି। ଗୁଡ଼ାରୀରୁ ଭୁବନେଶ୍ୱର ବସ ଚଳାଚଳ ନିମନ୍ତେ ରାଜନୈତିକ ନେତାଙ୍କ ଇଚ୍ଛା ଶକ୍ତି ର ଅଭା ଯୋଗୁ ଏହା ସମ୍ଭବ ହେଉନାହିଁ ବୋଲ ଚର୍ଚ୍ଚା ଜୋର ଧରିଛି।

## ବିଦ୍ୟୁତ୍ ଆଘାତରେ ଛାତ୍ର ମୃତ୍ୟୁ ଘଟଣାରେ ଜଣେ ଗିରଫ

ତେନ୍ତୁଳିଖୁଣ୍ଟି, ୨୩।୮(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କଣ୍ଟାଗାଁ ଗ୍ରାମରେ ବିଦ୍ୟୁତ୍ ଆଘାତରେ ଗୋଟିଏ ମଇଁଷି ଓ ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଗାଁର ବେଣୁଧର ନାୟକ। ବେଣୁଧରଙ୍କ ଘର କାମ ଚାଲିଥିବାରୁ ସେ ତାଙ୍କ ତାର ବାଡ଼ରେ ବିଦ୍ୟୁତ୍ ସଂଯୋଗ କରି ରଖୁଥିଲେ। ଏହି ତାର ବାଡ଼ରେ ଲାଗି ସୋମବାର ଜଣେ ଛାତ୍ର ଓ ଗୋଟିଏ ମଇଁଷିର ମୃତ୍ୟୁ ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି କେସ୍ ନଂ. ନମ୍ବର ୧୫୦/୨୨ରେ ତଦନ୍ତ କରି ଏହା ଜାଣିବାକୁ ପାଇଥିଲା। ତେନ୍ତୁଳିଖୁଣ୍ଟି ଥାନାଧିକାରୀ ଉମେଶ ନାୟକଙ୍କ ନିର୍ଦ୍ଦେଶରେ ପାତ୍ରପୁଟ ଫାଣ୍ଡି ଅଧିକାରୀ ପ୍ରକାଶ ଚନ୍ଦ୍ର ପାତ୍ର ତଦନ୍ତ କରୁଛନ୍ତି। ବେଣୁଧର ପାଚେରୀ ତାର ବାଡରେ ବିଦ୍ୟୁତ ସଂଯୋଗ କରିଥିବାରୁ ତାଙ୍କୁ ଗିରଫ କରାଯାଇଛି ବୋଲି ଜଣାପଡିଛି।



ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ କରପା ପଞ୍ଚାୟତ ଅଧୀନ ରାଣୀପଦର ଗ୍ରାମକୁ ଏବିଡିଓ ବଳରାମ ପାତ୍ର ଓ ଅଧିକାରୀମାନେ ନାଳ ପାର ହୋଇ ଯାଉଛନ୍ତି।

## ବର୍ଷାଦିନେ ଜଳବନ୍ଦୀ ହୋଇ ରୁହନ୍ତି ରାଣୀପଦରବାସୀ

- ଗାଁକୁ ଯାଇ ଲୋକଙ୍କ ଦୁଃଖ ବୁଝିଲେ ଏବିଡିଓ
- ସୋମବାର ସମସ୍ୟା ଜଣାଇଥିଲେ ଗ୍ରାମବାସୀ, ସେବାଦେନାର କର୍ମକର୍ତ୍ତା

ରାୟଗଡ଼ା ଅଫିସ, ୨୩।୮

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ କରପା ପଞ୍ଚାୟତ ଅଧୀନ ରାଣୀପଦର ଗ୍ରାମକୁ ମଙ୍ଗଳବାର ଏବିଡିଓ ବଳରାମ ପାତ୍ର ଗସ୍ତ କରି ଲୋକଙ୍କ ସମସ୍ୟା ବୁଝିଛନ୍ତି। ଏହି ସମୟରେ ଏବିଡିଓଙ୍କ ସହ ସହକାରୀ ଯନ୍ତ୍ରୀ ସବ୍ୟସାଚୀ ନାୟକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗଗନ ପାଲକା, ଜିଆର୍ଏସ୍ ତପନ ଗୌଡ଼, ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ସ୍ୱେଚ୍ଛାସେବୀ ସଙ୍ଗଠନ କର୍ମକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

ପ୍ରକାଶ ଯେ, କିଛିଦିନ ତଳେ ହୋଇଥିବା ଲଗାଣ ବର୍ଷା ଯୋଗୁ ପାଣି ଘର ଭିତରକୁ ପଶି ଆସିଥିଲା। ଭୁଶୁଡିବା ଭୟରେ ଲୋକେ ନିଜ ଘର ଛାଡ଼ି ଗାଁ ରେ ଥିବା ଗୋଟିଏ ଛାତ ଘରେ, ଆଉ କେତେଜଣ ଅନ୍ୟ ଲୋକଙ୍କ ଘର ବାରଣ୍ଡାରେ ଆଶ୍ରୟ ନେଉଥିଲେ। ଘର ବାହାରେ ରୋଷେଇ କରୁଥିଲେ। ଗାଁ ବାହାରକୁ ଯିବାକୁ ହେଲେ ଗାଁ ନିକଟସ୍ଥ ଏକ ନାଳ ଅତିକ୍ରମ କରିବାକୁ ହୁଏ। ବର୍ଷା ଦିନ ଆସିଲେ ଉକ୍ତ ନାଳରେ ପାଣି ବଢ଼ିଯାଏ। ଲୋକେ ଏକ ପ୍ରକାର ଜଳବନ୍ଦୀ ହୋଇ ରୁହନ୍ତି। ଏଥିସହ ସେମାନଙ୍କୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ। ଏ ନେଇ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେଲା ପରେ ବି ପ୍ରଶାସନ ସହାୟତା କରି ନ ଥିଲା। ସୋମବାର ଗ୍ରାମବାସୀ ସ୍ୱେଚ୍ଛାସେବୀ ସଂଗଠନ ସେବା ସେନା ପ୍ରତିଷ୍ଠାତା ସନ୍ତୋଷ କୁମାର ବଛାଙ୍କ ନେତୃତ୍ୱରେ କଲ୍ୟାଣସିଂହପୁର ବ୍ଲକ କାର୍ଯ୍ୟାଳୟକୁ ଆସି ଏବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାପରେ ଏବିଡିଓ ବିଭାଗୀୟ ଅଧିକାରୀଙ୍କୁ ଡାକି ଆଲୋଚନା କରି ଯଥାସମ୍ଭବ ସହଯୋଗ କରିବାକୁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

### ଦୁର୍ଘଟଣାରେ ୨ ଗୁରୁତର

ଝରିଗାଁ/ଚନ୍ଦାହାଣ୍ଡି, ୨୩।୮(ସ୍ୱ.ପ୍ର./ଡି.ଏନ୍.ଏ.)

ଚାନ୍ଦାହାଣ୍ଡି ଘାଟି କାକରପାଣି ନିକଟରେ ବୋଲେରୋ–ବାଇକ ଧକ୍କାରେ ୨ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ହାତୀବାଡ଼ି ଗାଁର ରତ୍ନାକର ଗୌଡ଼ ଏବଂ ବତାଝର ଗାଁର ଶୁକାଲ ଦେଇ ମାଝି। ଶୁକାଲ ଦେଇ ମାଝୀ ଏବଂ ଫୁଲସିଂ ମାଝି ନିଜ ସମ୍ପର୍କୀୟଙ୍କ ଘରୁ ବୋଲେରରେ ନିଜ ଗାଁକୁ ଫେରୁଥିଲେ। ଏହି ସମୟରେ ଚାନ୍ଦାହାଣ୍ଡି ଘାଟି କାକରପାଣି ନିକଟରେ ବିପରୀତ ଦିଗରୁ ଆସୁଥିବା ରତ୍ନାକରଙ୍କ ବାଇକ ସହ ବୋଲେରୋ ଧକ୍କା ହୋଇଥିଲା। ଚନ୍ଦାହାଣ୍ଡି ଅତିରିକ୍ତ ତହସିଲଦାର ନୀଳାମ୍ବର ପୂଜାରୀ, ଥାନା ଏଏସ୍ଆଇ ହୃଷିକେଶ ପଟେଲ ଅଗ୍ନିଶମ ବାହିନୀ ସହ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଚିକିତ୍ସା ପାଇଁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପଠାଇ ଥିଲେ। ପରେ ସେମାନଙ୍କୁ ନବରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## '୧୫ ଦିନରେ ସମାଧାନ ନ ହେଲେ ବ୍ଲକ ଆଗରେ ଧାରଣା'

**ବିଡିଓଙ୍କୁ ଭାଜପା ସଂଖ୍ୟା ଲଘୁ ମୋର୍ଚ୍ଚାର ଦାବିପତ୍ର**

ଉମରକୋଟ, ୨୩।୮(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକରେ ଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ୫–ଟିରେ ଦୁର୍ନୀତି, ବାର୍ଦ୍ଧକ୍ୟ ଭତ୍ତା ସମସ୍ୟାର ସମାଧାନ ଯଦି ୧୫ ଦିନ ଭିତରେ ନ ହୁଏ ତେବେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ଭାଜପା ସଂଖ୍ୟା ଲଘୁ ସେଲ ପକ୍ଷରୁ ଚେତାବନୀ ଦିଆଯାଇଛି। ଭାଜପା ସଂଖ୍ୟା ଲଘୁ ମୋର୍ଚ୍ଚା ପକ୍ଷରୁ ଜିଲା ସଭାପତି ପବିତ୍ର ଗରଡାଙ୍କୁ ଏକ ଦାବିପତ୍ର ଉମରକୋଟ ବିଡିଓଙ୍କୁ ପ୍ରଦାନ କରାଯାଇଛି। ଏଥି ନିମନ୍ତେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଉମରକୋଟରେ ଅନୁଷ୍ଠିତ ହୋଇଛି। ରାଜ୍ୟ ଭାଜପା ସଂଖ୍ୟା ଲଘୁ ମୋର୍ଚ୍ଚା ରାଜ୍ୟ ଉପସଭାପତି କାଜମ ମାଦାନିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାମ୍ଭାବ୍ୟ ଧାରଣା କିପରି ସଫଳ ହେବ ସେଥି ନେଇ ଆଲୋଚନା ହୋଇଥିଲା। ଏହି ବୈଠକରେ ଜିଲା ସଂଖ୍ୟା ଲଘୁ ମୋର୍ଚ୍ଚାର ନବରଙ୍ଗପୁର ଜିଲା ସଭାପତି ପବିତ୍ର ଗରଡା, ତୋହରା ସରପଞ୍ଚ ସଦାନନ୍ଦ ମାଝି, ଖାଣ୍ଡା ସରପଞ୍ଚ ରମେଶ ଭତ୍ରା, କାରାଗାଁ ସମିତି ସଭ୍ୟ ବିକ୍ରମ ସିଂ, ମୋର୍ଚ୍ଚାର ଜିଲା ଉପ ସଭାପତି ଏସ୍.ସୁନା, ଆଶାରାମ ସାନ୍ତାଙ୍କ ସହ ବହୁ ସଂଖ୍ୟାରେ କର୍ମୀମାନେ ଉପସ୍ଥିତ ଥିଲେ।



ବିଡିଓଙ୍କୁ ଦାବିପତ୍ର ଦିଆଯାଉଛି।

## ଫାଇନାଲରେ ପହଞ୍ଚିପାରିଲାନି ଭାମିନୀ ସରକାରୀ ଏସ୍‌ଏସ୍‌ଡି ହାଇସ୍କୁଲ

- ନେହେରୁ କପ୍ ହକି ଚାମ୍ପିୟନଶିପ୍
- ପାରାଦୀପ, ଅନୁଗୋଳ ଡିଏଭିକୁ ହରାଇ ପହଞ୍ଚିଥିଲା ସେମିଫାଇନାଲରେ

ଉମରକୋଟ, ୨୩।୮(ସ୍ୱ.ପ୍ର.)

ରାଉରକେଲା ପାନପୋଷ ହଷ୍ଟେଲ ଷ୍ଟାଡିୟମରେ ରାଜ୍ୟସ୍ତରୀୟ ସବ୍ ଜୁନିୟରସ୍ତରରେ ନେହେରୁ କପ୍ ହକି ଟୁର୍ନାମେଣ୍ଟ ସୋମବାରରୁ ଆରମ୍ଭ ହୋଇଛି। ଏଥିରେ ନବରଙ୍ଗପୁର ଜିଲାରୁ ଭାଗନେଇଥିବା ଉମରକୋଟ ଭାମିନୀ ସରକାରୀ ଏସ୍‌ଏସ୍‌ଡି ହାଇସ୍କୁଲ ଭଲ ଖେଳ ପ୍ରଦର୍ଶନ କରିଛି। ଟିମ୍ ପାରାଦୀପ, ଅନୁଗୋଳକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ସେମିଫାଇନାଲରେ କିନ୍ତୁ ପାନପୋଷ ହଷ୍ଟେଲ ରାଉରକେଲାରୁ ୦–୫ ଗୋଲରେ ପରାସ୍ତ ହେବା ପରେ ଟିମ୍ ଚାମ୍ପିୟନଶିପ୍‌ରୁ ବାହାରିଯାଇଛି।

ସୂଚନାନୁଯାୟୀ, ଉଦ୍‌ଘାଟନୀ ଦିବସର ପ୍ରଥମ ମ୍ୟାଚ ଉମରକୋଟ ଭାମିନୀ ସରକାରୀ ଏସ୍‌ଏସ୍‌ଡି ହାଇସ୍କୁଲ ଓ ପାରାଦୀପ ଡିଏଭି ସ୍କୁଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭାମିନୀ ହାଇସ୍କୁଲ ପାରାଦୀପ ଡିଏଭିକୁ ୬–୦ ଗୋଲରେ ପରାସ୍ତ କରିଛି। ଭାମିନୀ ସ୍କୁଲର ଜଗବନ୍ଧୁ ସାନ୍ତା ଏକାକୀ ୩ଟି ଗୋଲ ମାରିଥିଲେ। ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚରେ ଭାମିନୀ ଦଳ ଅନୁଗୋଳ ଡିଏଭି ପବ୍ଲିକ ସ୍କୁଲକୁ ୧–୦ ଗୋଲରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ସେମିଫାଇନାଲ ମ୍ୟାଚ୍ ପାନପୋଷ ହଷ୍ଟେଲ ରାଉରକେଲା ଓ ଭାମିନୀ ମଧ୍ୟରେ ଖେଳାଯାଇଥିଲା। ଦଳ ୦–୫ ଗୋଲରେ ପରାସ୍ତ ହେବା ସହ ଚାମ୍ପିୟନଶିପ୍‌ରୁ ବାହାରିଯାଇଛି। ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ କିଶୋର ସିଲ୍‌ଙ୍କ ପ୍ରତ୍ୟକ୍ଷ କୋଚିଂରେ ନବରଙ୍ଗପୁର ଜିଲାରୁ ଭାମିନୀ ସ୍କୁଲ ରାଜ୍ୟସ୍ତରୀୟ ହକିରେ ଅଂଶ ଗ୍ରହଣ କରିବା ପାଇଁ ସୁଯୋଗ ପାଇଥିଲା। ବର୍ତ୍ତମାନ ଆମେ ଏହି ଚାମ୍ପିୟନଶିପ୍‌ରୁ ବାହାରି ଯାଇଛୁ। କିନ୍ତୁ ଆମମାନଙ୍କ ମନୋବଳ ଦୃଢ଼ ରହିଛି। ଆଗାମୀ ପ୍ରତିଯୋଗିତାରେ ଭଲ ଖେଳ ପ୍ରଦର୍ଶନ କରି ଜିଲାର ଟେକ ରଖିବୁ ବୋଲି ଟିମ୍ ମେମ୍ବରମାନେ କହିଛନ୍ତି।



ଭାମିନୀ ହାଇସ୍କୁଲ ହକି ଟିମ୍‌ର ଖେଳାଳି ଓ ଅନ୍ୟମାନେ।

## 'ଶହୀଦ, ସଂଗ୍ରାମୀଙ୍କ ବଳିଦାନ ପାଇଁ ଆମେ ଗର୍ବିତ'

ନବରଙ୍ଗପୁର,୨୩।୮(ବି.ପ୍ର.)

ଆଦିବାସୀ ଶହୀଦ ସାଂସ୍କୃତିକ ସ୍ମୃତି କେନ୍ଦ୍ର ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଜଗନ୍ନାଥ ତ୍ରିପାଠୀଙ୍କ ପଞ୍ଚଦଶ ଶ୍ରଦ୍ଧାଞ୍ଜଳି ସଭା, ନବରଙ୍ଗପୁର ମାଆ ଘର ନବମ ସ୍ୱନକ୍ଷତ୍ର ଦିବସ ଓ ମାତୃ ଆଶ୍ରୟ ଆଶ୍ରମର ତୃତୀୟ ପ୍ରତିଷ୍ଠା ଦିବସ ନବରଙ୍ଗପୁର ଶାସ୍ତ୍ରୀ ଭବନରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଜିଲାପାଳ କମଳଲୋଚନ ମିଶ୍ର, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ପୌରାଧ୍ୟକ୍ଷ କୁନୁ ନାୟକ, ଉପାଧ୍ୟକ୍ଷା ସୌମ୍ୟା ମହାପାତ୍ର, ପୂର୍ବତନ ବିଧାୟକ ସଦନ ନାୟକ, ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି, ଭଗବାନ ମାଝି, ନବରଙ୍ଗପୁର ଓକିଲ ସଂଘ ସଭାପତି ନରସିଂହ ନାଥ ତ୍ରିପାଠୀ, ବିଜେଡି ଜିଲା ସଭାନେତ୍ରୀ ମଞ୍ଜୁଳା ମାଝି, ଧରମ ସିଂ, ଦିଲୀପ ବେହେରା, ସୁବାସ ସୁର, ତହସିଲଦାର ରବୀନ୍ଦ୍ର ରାଉତ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଅତିଥିମାନେ ସ୍ୱାଧୀନତା ସଂଗ୍ରାମୀ ଜଗନ୍ନାଥ ତ୍ରିପାଠୀଙ୍କ ଜୀବନୀ ଓ ତାଙ୍କ ନିଷ୍ଠା, ଜନସାଧାରଣଙ୍କ ପାଇଁ ରହିଥିବା କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀ, ପୂର୍ବଜଙ୍କ ବଳିଦାନ ଏବଂ ସଂଗ୍ରାମ ପାଇଁ ଆମେ ଆଜି ଗର୍ବ ଅନୁଭବ କରୁଛୁ ବୋଲି ଅତିଥିମାନେ କହିଥିଲେ।

ମଙ୍ଗଳବାର ଶାସ୍ତ୍ରୀ ଭବନରେ ସକାଳ ୫ଟାରେ ରାମଧୁନ୍, ୮ଟାରେ ସର୍ବଧର୍ମ ପ୍ରାର୍ଥନା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମାଆ ଘର ଅଧ୍ୟକ୍ଷା କାଦମ୍ବିନୀ ତ୍ରିପାଠୀ କାର୍ଯ୍ୟକ୍ରମର ସୂଚନା ସହ ମାତୃସମ୍ମାନ ଉପସ୍ଥାପନ କରିଥିଲେ। ଚଳିତବର୍ଷ ମାତୃ ସମ୍ମାନରେ ପାପଡ଼ାହାଣ୍ଡି ବ୍ଲକର ଶହୀଦ ଆନନ୍ଦ ଗୌଡ଼ଙ୍କ ବଡ଼ବୋହୂ ରତନି ଗୌଡ଼(୧୦୨) ଓ ସଂଗ୍ରାମୀ ମାଧବ ପ୍ରଧାନୀଙ୍କ ବଡ଼ବୋହୂ ସୋନି ପ୍ରଧାନୀ(୧୦୧)ଙ୍କୁ ଅତିଥି ସମ୍ମାନିତ କରିଥିଲେ। ଦହଣା ଗାଁର ରାଜ୍ୟପାଳ ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶରତ ଚନ୍ଦ୍ର ଦାଶଙ୍କୁ ପୂର୍ଣ୍ଣଚନ୍ଦ୍ର ମହାକୁଡ଼ ସମ୍ମାନ ପ୍ରଦାନ କରାଯାଇଛି। ତାଙ୍କୁ ଅତିଥିମାନେ ଉପଢୌକନ, ମାନପତ୍ର ଓ ଅର୍ଥରାଶି ଦେଇ ସମ୍ମାନିତ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲାର ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ, ଜିଲାର ବରିଷ୍ଠ ନାଗରିକ ଏବଂ ଜନସାଧାରଣ ଯୋଗ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଆଦିବାସୀ ଶହୀଦ ସାଂସ୍କୃତିକ ସ୍ମୃତିକେନ୍ଦ୍ର ସଭାପତି ମୁନା ତ୍ରିପାଠୀ ପରିଚାଳନା କରିଥିଲେ।

୨୪ ତାରିଖରେ ପାପଡ଼ାହାଣ୍ଡିରେ ଶହୀଦ ମୀନାରରେ ଗୁଳିକାଣ୍ଡ ଦିବସ ପାଳିତ ହେବ। ସେଠାରେ ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିଚାରଣ କରାଯିବ। ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀ ଦାୟାଦଙ୍କ ଗହଣରେ ଅଗଷ୍ଟ ୨୩ ତାରିଖ ରାତିରୁ ୨୪ ତାରିଖ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ରାମଧୁନ ପରିବେଷଣ କରାଯିବ। ଶହୀଦ ମଶାଲକୁ ୨୪ ତାରିଖ ସକାଳ ୮ଟାରେ ପୂର୍ଣ୍ଣ ରାଷ୍ଟ୍ରୀୟମର୍ଯ୍ୟାଦା ସହ ପାପଡ଼ାହାଣ୍ଡି ଅଭିମୁଖେ ନିଆଯିବ। ଶାସ୍ତ୍ରୀଭବନରୁ ପୁରୁଣା ମଣ୍ଡେଇ ପଡ଼ିଆ ପର୍ଯ୍ୟନ୍ତ ପଦଯାତ୍ରାରେ ମଶାଲ ଶୋଯାଯାତ୍ରା ଯିବ। ସେଠାରୁ ଶୋଭାଯାତ୍ରା କରାଯାଇ ଶହୀଦ ପୀଠରେ ମଶାଲ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି।



ଶରତ ଚନ୍ଦ୍ର ଦାଶଙ୍କୁ ସମ୍ମାନିତ କରାଯାଉଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ବୈପାରିଗୁଡ଼ା,୨୩ା୮ (ଡି.ଏନ୍.ଏ.)- ଏକ ସଡକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ କାଠପଡ଼ା ପଞ୍ଚାୟତ ବାଘଖଦ୍ରା ଗ୍ରାମର ଜୟରାମ ପାଙ୍ଗୀ(୨୪)। ବୈପାରିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ ପାଇଁ ଭର୍ତ୍ତି ହୋଇଥିବା ଜୟରାମଙ୍କ ଭାଇବୋହୂଙ୍କୁ ଦେଖି ଘରକୁ ବାଇକ୍‌ରେ ଫେରୁଥିବା ବେଳେ ବାଲିଆପଦର ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ୍ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଜୟରାମଙ୍କ ମୃତ୍ୟୁ ହୋଇଥିବା ବେଳେ ୩ଜଣ ଆହତ ହୋଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପରେ ଏନେଇ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

### ହଳଧର ସିପିଆଇ ଜିଲା ସମ୍ପାଦକ

ମାଥିଲି, ୨୩ା୮(ଡି.ଏନ.ଏ.)- ମାଲକାନଗିରି ଜିଲା ମାଥିଲିଠାରେ ସିପିଆଇର ଜିଲା ସମ୍ପାଦକ ପାଇଁ ହୋଇଥିବା ନିର୍ବାଚନରେ ହଳଧର ପୂଜାରୀ ସମ୍ପାଦକ ରୂପେ ନିର୍ବାଚିତ ହୋଇଛନ୍ତି। ସେହିପରି ସହ ସମ୍ପାଦକ ରୂପେ ହରି ଓଡ଼ିଆ ଓ ଦିଲୀପ କୁମାର ସାମଲ ନିର୍ବାଚିତ ହୋଇଥିବା ଜଣାପଡିଛି। ୧୮ଜଣଙ୍କୁ ପରିଚାଳନା ପରିଷଦକୁ ମନୋନୀତ କରାଯାଇଛି। ଆଗାମୀ ଦିନରେ ଜିଲାର ଜମି,ଜଳ, କୋଣ୍ଡା ଦୋରାଙ୍କୁ ଆଦିବାସୀ ମାନ୍ୟତା ଓ ଜାତି ପ୍ରମାଣ ପତ୍ର ଦିଗରେ ସେ କାର୍ଯ୍ୟ କରିବେ ବୋଲି ପୂଜାରୀ କହିଛନ୍ତି।

### ବାଇକ ଚୋର ଗିରଫ

ଚିତ୍ରକୋଣ୍ଡା,୨୩ା୮(ଡିଏନ.ଏ.)- ବାଇକ୍ ଚୋରି କରିଥିବା ଜଣେ ବ୍ୟକ୍ତିଙ୍କୁ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ପାପରମେଟେଲା ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଚିଟି ମଣି ମହେଶ। ଇଷ୍ଟ ଗୋଦାବରୀ ଜିଲାର ଚିଟି ମଣି ଏକ ବାଜାଜ ପଲ୍‌ସର ବାଇକ୍‌କୁ ଚୋରି କରି ନେଉଥିବା ବେଳେ ପୋଲିସ ହାତରେ ଧରା ପଡିଥିଲେ। ଏନେଇ ୧୧/୨୨ରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ରଜନୀକାନ୍ତ ଦୀପ କହିଛନ୍ତି।

### ଝାଡ଼ାବାନ୍ତିରେ ୩ ମୃତ

ସେମିଳିଗୁଡ଼ା,୨୨ା୮(ସ୍ୱ.ପ୍ର.)- କୋରାପୁଟ ଜିଲା ସେମିଳିଗୁଡ଼ା ଅଞ୍ଚଳରେ ଝାଡାବାନ୍ତି ଦେଖାଦେଇଛି। ଏଥିରେ ୩ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଉପରକାଣ୍ଟି ନିକଟସ୍ଥ ଖଜୁରିପଦର ଗ୍ରାମର ରେଳି ତାଡିଙ୍ଗି(୫୦), ପୁଇ ତାଡିଙ୍ଗି(୫୦)। କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉଭୟେ ଚିକିତ୍ସାଧୀନ ଥିବା ସମୟରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣକର ପରିଚୟ ମିଳିପାରିନାହିଁ। ଏନେଇ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଭୟ ପ୍ରକାଶ ପାଇଛି।

### ୧୩ ଫୁଟର ଅଜଗର ଉଦ୍ଧାର



ଚିତ୍ରକୋଣ୍ଡା,୨୩ା୮(ଡି.ଏନ.ଏ.)-ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟର ଷ୍ଟାଫ କ୍ୱାର୍ଟର୍ସ ପଛ ପଟୁ ସୋମବାର ରାତିରେ ଏକ ୧୩ ଫୁଟର ଅଜଗର ସାପ ଉଦ୍ଧାର ହୋଇଛି। ସାପଟି ଘର ଭିତରକୁ ଆସିବାକୁ ଚେଷ୍ଟା କରୁଥିବା ଦେଖି ରହୁଥିବା କର୍ମଚାରୀ ଭୟଭୀତ ହୋଇ ପଡ଼ିଥିଲେ। ଏନେଇ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ସାପଧରାଳି ବେନିଆଗୁଡାର ମାଧବ କୁଶପାରିଆଙ୍କୁ ଡକାଯାଇଥିଲା। ମାଧବ ପହଞ୍ଚି ଅଜଗରକୁ ଧରି ନେଇ ଜଙ୍ଗଲରେ ଛାଡି ଦେଇଥିଲେ।

### ୨୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ



ମାଲକାନଗିରି,୨୩ା୭ (ଡି.ଏନ୍.ଏ.)- ମାଲକାନଗିରି ଜିଲା ଅବକାରୀ ବିଭାଗ ଚଢାଉ କରି ଗଞ୍ଜେଇ ଚୋରାଚାଲଣ ବେଳେ ଏହାକୁ ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ଚିତ୍ରକୋଣ୍ଡା ଅଞ୍ଚଳର ରାମ ଖରା। ମାଲକାନଗିରି ଜିଲା ଅବକାରୀ ମୋବାଇଲ ୟୁନିଟର ଏକ ଟିମ୍ ଏସ୍.ଆଇ. ଅଶେଷ କୁମାର ନାୟକଙ୍କ ନେତୃତ୍ୱରେ ମାଲକାନଗିରି-ବାଲିମେଲା ରାସ୍ତାରେ ପାଟ୍ରୋଲିଂ କରୁଥିବା ସମୟରେ ଜଣେ ବ୍ୟକ୍ତି ଏକ ସ୍କୁଟିରେ ଗୋଟିଏ ବସ୍ତା ଧରି ଆସୁଥିବା ଦେଖି ତାଙ୍କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲେ। ସେଥିରୁ ଗଞ୍ଜେଇ ମିଳିଥିଲା। ଏହାର ପରିମାଣ ୨୦କେଜି୩୦୦ ଗ୍ରାମ ବୋଲି ଜଣାପଡିଛି। ଚଢାଉରେ ଅବକାରୀ ବିଭାଗର ଜ୍ଞାନରଞ୍ଜନ ସାହୁ, ପ୍ରଦୀପ ନାୟକ, ଅକ୍ଷୟ କୁମାର ଜେନା ସାମିଲ ହୋଇଥିଲେ।

# ତଥ୍ୟ ଲୁଚାଉଛି ଓଡ଼ିଶା ଜୀବିକା ମିଶନ

**ମହିଳା ସଶକ୍ତୀକରଣ ନାମରେ ଟଙ୍କା ହଡ଼ପ ଅଭିଯୋଗ**

ମାଲକାନଗିରି,୨୩ା୮ (ସ୍ୱ.ପ୍ର.)

ଓଡ଼ିଶା ଜୀବିକା ମିଶନରେ ମହିଳା ସଶକ୍ତୀକରଣ ନାମରେ ଟଙ୍କା ହଡ଼ପ ହୋଇଥିବା ଅଭିଯୋଗ ହେଉଛି। ମାଲକାନଗିରି ସଦର ବ୍ଲକ ଗୌଡଗୁଡା ପଞ୍ଚାୟତରେ ଏପରି ଦେଖିବାକୁ ମିଳିଛି। ଏହି ପଞ୍ଚାୟତରେ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ପ୍ରାୟ ୮ ବର୍ଷ ଧରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଯାଉଛି। ତେବେ ପ୍ରକୃତରେ କ'ଣ କାମ ହୋଇଛି ସେ ସମ୍ପର୍କରେ ପଞ୍ଚାୟତବାସୀ ଜାଣି ନ ଥିବା ବେଳେ ଏନେଇ ତଥ୍ୟ ମାଗିଲେ ଜୀବିକା ମିଶନ ତଥ୍ୟ ଦେଉନାହିଁ। ଅନ୍ୟପକ୍ଷରେ ଏମ୍‌ଭି-୯ ଗ୍ରାମର ମା ସରସତୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ୧ଲକ୍ଷ ୬୮ହଜାର ୪୩୫ ଟଙ୍କା ଏବଂ ମା' ଲକ୍ଷ୍ମୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ୭୬ ହଜାର ୩୮୦ ଟଙ୍କା ହଡପ କରିଥିବା ମହିଳା ଗୋଷ୍ଠୀର ସଦସ୍ୟ କୁସୁମି ମଜୁମଦାର, ପ୍ରଭା ସିକଦାର ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମାଲକାନଗିରି ବ୍ଲକ ପରିଚାଳକ ରୋଷାଲୀନ ଦାସଙ୍କୁ ପଚାରିବାରୁ ସେ କହିଲେ, ସମ୍ପୃକ୍ତ ମହିଳା ଗୋଷ୍ଠୀ ଏହି ଟଙ୍କାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନଙ୍କୁ ଖାଦ୍ୟ ଦେଇଥିବା କହୁଛନ୍ତି। ତେବେ ମହିଳାମାନଙ୍କୁ ଦୀର୍ଘ ବର୍ଷ ମଧ୍ୟରେ କେବଳ ଗୋଟିଏ ଦିନ ଜଳଖିଆ ପ୍ରଦାନ ଯାଇଥିବା ମଞ୍ଜୁରାଣୀ ଦତ୍ତ, ବିଜୁଳି ହାଲ୍‌ଦାର ପ୍ରକାଶ କରିଛନ୍ତି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ପଞ୍ଚାୟତର କାର୍ତ୍ତିକ ସିକଦାରି, ବିପ୍ର ମଣ୍ଡଳ, ନନ୍ଦୁ ବିଶ୍ୱାସ, ଗୌତମ ହାଲ୍‌ଦାର, ନିର୍ମଳ ମଣ୍ଡଳ ପ୍ରମୁଖ ଦାବି କରିଛନ୍ତି।

# ଜମି, ଜଳ ସହ ଜଙ୍ଗଲ ଅଧିକାର ପାଇଁ ସଂଗ୍ରାମ କରିବ ସିପିଆଇ

**ସିପିଆଇର ୨ଦିନିଆ ଜିଲା ସମ୍ମିଳନୀ**

ଜୟପୁର,୨୩ା୮ (ନି.ପ୍ର.)




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ୨ଦିନିଆ ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି, ସୁକାନ୍ତି ଗୌଡ଼, ନରସିଂହ କମାରାଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ଏହାକୁ ପରିଚାଳନା କରିଥିଲେ। ଏହି ଅବସରରେ ପ୍ରଥମେ ଦଳୀୟ କର୍ମୀ, ନେତା ସାମାଜିକ କର୍ମୀ ଓ କରୋନାରେ ମୃତ ବ୍ୟକ୍ତିଙ୍କ ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ମିଳନୀକୁ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ପ୍ରଶାନ୍ତ ପାଟଜୋଷୀ ଉଦ୍‌ଘାଟନ କରି କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ଗଣସଂଗ୍ରାମ ପାଇଁ ଆହ୍ୱାନ ଦେଇଥିଲେ। ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ ବିବରଣୀ ପାଠ ଓ ରାଜ୍ୟ ସହ ସମ୍ପାଦକ କ୍ଷୀରୋଦ ସିଂଦେଓ ସାଙ୍ଗଠନିକ ସୂଚନା ଦେଇଥିଲେ। ୨୦୧୪ରେ ମୋଦି ସରକାର ଶାସନକୁ ଆସିବା ପୂର୍ବରୁ ଦରଦାମ୍ କମ୍ କରିବା, ବେକାର ଲୋକଙ୍କୁ ନିଯୁକ୍ତି ଦେବା ଭଳି ଅନେକ ପ୍ରତିଶ୍ରୁତି ଦେଇ ଆସିବା ପରେ ଏବେ ତା'ର ବିପରୀତ କାର୍ଯ୍ୟ କରୁଛନ୍ତି। ଦେଶରେ ଫାସିବାଦୀ ବିଚାରଧାରାକୁ ପ୍ରୋତ୍ସାହନ ମିଳୁଛି। ସିପିଆଇ ଭାଜପାର ନେତୃତ୍ୱକୁ ବିରୋଧ କରି ତାର ବିଚାରଧାରା ବିରୋଧରେ ଦେଶର ଐକ୍ୟ ଅଖଣ୍ଡତା, ସମ୍ବିଧାନ ସୁରକ୍ଷା ପାଇଁ ଉଦ୍ୟମ କରିବାକୁ ସମ୍ମିଳନୀରେ ମତ ପ୍ରକାଶ ପାଇଥିଲା। ଓଡ଼ିଶାର ବିଜେଡି ସରକାର ୨୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଶାସନ କରୁଥିଲେ ମଧ୍ୟ ବେକାରି ସମସ୍ୟା ବୃଦ୍ଧି ପାଇଛି। ସମସ୍ତଙ୍କୁ ମାଗଣା ଶିକ୍ଷା, ସ୍ୱାସ୍ଥ୍ୟସେବା ଯୋଗାଇଦେବା ସହ ଜମି ଜଳ ଜଙ୍ଗଲର ଅଧିକାର ପାଇଁ ସଂଗ୍ରାମ କରିବାକୁ ସମ୍ମିଳନୀରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ଅବସରରେ ସମ୍ମିଳନୀରେ ୨୧ଜଣିଆ ଜିଲା ପରିଷଦ ଓ ୯ ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। କାର୍ଯ୍ୟକାରୀ କମିଟିରେ ପ୍ରମୋଦ ମହାନ୍ତି, ଯୁଧିଷ୍ଠିର ରାଉଳ, ରାମକୃଷ୍ଣ ଦାସ, ବଳରାମ ନାୟକ, କୁମର ଜାନୀ, ଉତ୍ତମ ମଲ୍ଲିକ,ପ୍ରଭୁନନ୍ଦ ମୁଦୁଲି, ସୁକାନ୍ତି ଗୌଡ଼ ରହିଛନ୍ତି। ଆସନ୍ତା ୩ ବର୍ଷ ପାଇଁ ଯୁଧିଷ୍ଠିର ଜିଲା ସମ୍ପାଦକ, କୁମର ଓ ପ୍ରଭୁନନ୍ଦ ସହ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। କୋଷାଧକ୍ଷ ଭାବେ ପ୍ରମୋଦ ମହାନ୍ତି ରହିଛନ୍ତି।

### ଭୋଟର କାର୍ଡ ସହ ଆଧାର ସଂଯୋଗୀକରଣ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି,୨୩ା୮ (ଡି.ଏନ୍.ଏ.)

ଜିଲା ପ୍ରଶାସନ ପକ୍ଷରୁ ମାଲକାନଗିରି ସଦର ମହକୁମା ମହିଳା ମହାବିଦ୍ୟାଳୟ ଠାରେ ଭୋଟର ପରିଚୟ ପତ୍ର ସହ ଆଧାର ନମ୍ବର ସଂଯୋଗୀକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଉପଜିଲାପାଳ ତଥା ଭୋଟର ପଞ୍ଜୀକରଣ ଅଧିକାରୀ ଅକ୍ଷୟ ଖେମୁଣ୍ଡୁ ଯୋଗଦେଇ ନ୍ୟାଶନାଲ ଭୋଟର ସର୍ଭିସ୍ ପୋର୍ଟାଲ ଉପରେ ଆଲୋଚନା କରିଥିଲେ। ଅନ୍ୟତମ ଅଧିକାରୀ ଡେପୁଟି କଲେକ୍ଟର ଅଜୟ ମାଣ୍ଡାଙ୍ଗି ଏବଂ ଜ୍ଞାନରଞ୍ଜନ ସ୍ୱାଇଁ ଭୋଟର ପରିଚୟ ପତ୍ର ସହ ଆଧାର ନମ୍ବର ସଂଯୋଗୀକରଣର ଦୃଷ୍ଟାନ୍ତ ଦେଖାଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଦୁଷନ୍ତ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ।

### ଗ୍ରାମରୁ ଷ୍ଟ୍ରିଟ୍ ଲାଇଟ୍ ଉପାଡ଼ିନେଲେ କଂଗ୍ରେସ କର୍ମୀ

ଦଶମନ୍ତପୁର, ୨୩ା୮ ( ଡି.ଏନ.ଏ. )- ଏମ୍‌ପି ସପ୍ତଗିରି ଶଙ୍କର ଉଲାକାଙ୍କ ମାଧ୍ୟମରେ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର ଗ୍ରାମଗୁଡିକରେ ଅଟଳ ଜ୍ୟୋତି ଯୋଜନାରେ ସୋଲାର ଷ୍ଟ୍ରିଟ୍ ଲାଇଟ ଲଗାଯାଇ ଥିଲା। ଏହାକୁ କଂଗ୍ରେସ କର୍ମୀ ଲୋକ ଲଗାଇ ଉପାଡ଼ି ନେଇଥିବା ଅଭିଯୋଗ ହୋଇଛି। ଖବରରୁ ଜଣାପଡିଛି, ବ୍ଲକର ପାଇକ ଫୁଲବେଢ଼ା ପଞ୍ଚାୟତର ପଣ୍ଡସ, ଝିଙ୍କିବେଢ଼ା, ଟାଙ୍ଗନିଗୁଡା, ଚାକଲି ସହ ୬ଟି ଗ୍ରାମରେ ସୋଲାର ଲାଇଟ୍ ଲଗାଯାଇଥିଲା। ଏ ସମ୍ପର୍କରେ ଏମ୍‌ପି ଉଲାକାଙ୍କୁ ପଚାରିବାରୁ ସେ କହିଲେ, ମୋତେ ବଦନାମ କରିବାକୁ କେହି ବିଦ୍ୟୁତ୍ ଖୁଣ୍ଟଗୁଡିକ ଉପାଡି ନେଇଛି। ଏହାର ତଦନ୍ତ କରି ପଦକ୍ଷେପ ନିଆଯିବ। ଅନ୍ୟପକ୍ଷରେ ଏହାକୁ ନେଇ ଗ୍ରାମବାସୀ ବିଡିଓଙ୍କ ନିକଟରେ ଅଭିଯୋଗ କରି ଦାବିପତ୍ର ଦେଇଛନ୍ତି। ତ୍ରିନାଥ ଗୌଡ, ଜଗନ୍ନାଥ ଗୌଡ, କୁମଲୋଚନ ପରଜା, ଶୁକ୍ରୁ ଗୌଡ, ଗଙ୍ଗାଧର ଖୋସଲା ପ୍ରମୁଖ ଉପସ୍ଥିତ ଥିଲେ।

# ୧୩କେଜି ଗଞ୍ଜେଇ ଜବତ, ୨ ଗିରଫ

ଚିତ୍ରକୋଣ୍ଡା,୨୩ା୮(ଡି.ଏନ.ଏ.)



ଜବତ ହୋଇଥିବା ଗଞ୍ଜେଇ ।

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଥାନା ନିକଟରୁ ଏକ ସରକାରୀ ବସରୁ ପୋଲିସ ୧୩ କେଜି ୭୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏମଭି ୧୦ଗ୍ରାମର ନରେଶ କୀର୍ତ୍ତନିୟା ଓ ଏମଭି-୪୪ ଗ୍ରାମର ରତନ ମିସ୍ତ୍ରୀ।

ଖବରରୁ ଜଣାପଡିଛି ସୋମବାର ଚିତ୍ରକୋଣ୍ଡା ଥାନା ଏସଆଇ ବିଜୟ ମାଝୀଙ୍କ ନେତୃତ୍ୱରେ ଏକ ଟିମ ଥାନା ସମ୍ମୁଖରେ ଗାଡିମୋଟର ଯାଞ୍ଚ କରୁଥିଲେ। ଏହି ସମୟରେ ଚିତ୍ରକୋଣ୍ଡା ଆସୁଥିବା ସରକାରୀ ବସ (ଓଡି ୦୨ ବିସି-୯୪୧୭) କୁ ଯାଞ୍ଚ କରାଯାଇଥିଲା। ଦୁଇଜଣ ବ୍ୟକ୍ତି ଦୁଇଟି ଜରି ବସ୍ତା ଧରି ବସରୁ ଓହ୍ଲାଇ ନିକଟରେ ଥିବା ଜଙ୍ଗଲ ଆଡକୁ ଦୌଡି ପଳାଇବା ସମୟରେ ପୋଲିସ ସେମାନଙ୍କୁ କାବୁ କରିଥିଲା। ସେମାନଙ୍କୁ ତଲାସୀ କରାଯିବା ପରେ ସେମାନଙ୍କ ନିକଟରେ ଥିବା ୨ଟି ଜରି ପ୍ୟାକେଟରେ ଗଞ୍ଜେଇ ଭର୍ତ୍ତି ହୋଇ ରହିଥିବା ଜଣାପଡିଥିଲଞ୍ଚେ। ପରେ ଉଭୟଙ୍କୁ ଗିରଫ କରି ପୋଲିସ ଥାନାକୁ ଆଣିଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ।ଏହି ଗଞ୍ଜେଇ ସେମାନେ ଚିତ୍ରକୋଣ୍ଡାର ବାଙ୍ଗୁରୁପଡା ଓ ଆଞ୍ଜିରିଆଗୁଡା ଅଞ୍ଚଳରୁ ଛତିଶଗଡ଼ର ସୁକମାକୁ ଚାଲାଣ କରୁଥିବା ପୋଲିସ କହିଛି। କେସ୍ ନଂ ୧୦୫/୨୨ରେ ଏକ ମାମଲା ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଅନିଲ ପରିଡା କହିଛନ୍ତି।

### ବୋଲେରୋ- ବାଇକ ଧକ୍କା, ଜଣେ ମୃତ

ମାଲକାନଗିରି,୨୩ା୮ (ସ୍ୱ.ପ୍ର.)

ମାଲକାନଗିରି କାଲିମେଳା ୩୨୬ନମ୍ବର ଜାତୀୟ ରାଜପଥ ଏମଭି୧୩ ଗ୍ରାମ ନିକଟରେ ମଙ୍ଗଳବାର ବୋଲେରୋ ବାଇକ ଧକାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଜଣେ ଯୁବକ ଆହତ ହୋଇଛନ୍ତି। ପଡିଆ ବ୍ଲକ କମାରଗୁଡା ଗ୍ରାମର ଜଗା କାରାମ ଓ ନନ୍ଦଗୁଡା ଗ୍ରାମର ଶୁକଦେ ବେଟି ଏକ ବାଇକ ଯୋଗେ ମାଲକାନଗିରି ଅଭିମୁଖେ ଆସୁଥିଲେ। ୩୨୬ ନମ୍ବର ଜାତୀୟ ରାଜପଥ ମାଲକାନଗିରି ଥାନା ଅନ୍ତର୍ଗତ ଏମଭି-୧୩ଗ୍ରାମ ନିକଟରେ ଏକ ବୋଲେରୋ ସହିତ ଧକ୍କା ହୋଇଥିଲା। ଉଭୟେ ରାସ୍ତାରେ ଛିଟିକି ପଡ଼ିଥିଲେ। ଏହି ସମୟରେ ଅନ୍ୟ ଏକ ଅଜଣା ଗାଡି ଜଗାଙ୍କ ଉପରେ ମାଡି ଯିବାରୁ ତାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା।

# ଷ୍ଟେଟ୍ ବ୍ୟାଙ୍କ ମହାପ୍ରବନ୍ଧକଙ୍କ ଦାମନଯୋଡ଼ି ଗସ୍ତ

ଦାମନଯୋଡି,୨୨ା୮

ଭାରତୀୟ ଷ୍ଟେଟ ବ୍ୟାଙ୍କର ମହାପ୍ରବନ୍ଧକ ଉତ୍ତମ କୁମାର ହାଜରା ଚୌଧୁରୀ ନାଲ୍‌କୋ ଦାମନଯୋଡି ଗସ୍ତ କରିଥିଲେ। ସେ ବ୍ୟାଙ୍କରେ ଗ୍ରାହକମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଲୋକମାନେ ବ୍ୟାଙ୍କରୁ କିପରି ଅଧିକରୁ ଅଧିକ ସୁବିଧା ପାଇବେ ସେ ସମ୍ପର୍କରେ ମୁଖ୍ୟ ପରିଚାଳକ ହେମନ୍ତ ଦାସଙ୍କ ସହ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ହିତାଧିକାରୀ ହରି ଘୁମୁରିଆଙ୍କ ସ୍ତ୍ରୀ ଦ୍ୱାରା ଘୁମୁରିଆଙ୍କୁ ୨ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ କରିଥିଲେ। ଦାମନଯୋଡି ଶାଖା ପକ୍ଷରୁ ମୁଖ୍ୟ ଶାଖା ପରିଚାଳକ ଦାସ, ବ୍ରହ୍ମପୁର ଜୋନର ଉପ ମହାପ୍ରବନ୍ଧକ ସନ୍ଦିପ ଚୌବେ, ଜୟପୁର ଜୋନର ଆର୍‌ଏମ୍ କାବୁଲା ବେହେରାଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମହାପ୍ରବନ୍ଧକ ବ୍ୟାଙ୍କ ପରିସରରେ ବୃକ୍ଷରୋପଣ କରିଥିଲେ।

# ଚାନ୍ଦା ଆଦାୟ, ଅଶ୍ଳୀଳ ନାଚ ସହ ଡିଜେ ଉପରେ କଟକଣା

**ଜୟପୁରରେ ଗଣେଶପୂଜା ନେଇ ବୈଠକ**

ଜୟପୁର, ୨୩ା୮(ନି.ପ୍ର.)

କୋରାପୁଟ ଜିଲା ଜୟପୁର ପୌର ପରିଷଦ ସଭାଗୃହରେ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳାରେ ଗଣେଶ ପୂଜା ପାଳନ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲାପାଳ ବେଦବର ପ୍ରଧାନ, ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା, ପୌର ଉପାଧ୍ୟକ୍ଷ ବି.ସୁନିତା, ତହସିଲଦାର ପ୍ରଧାନ ଗୁଲି ଆମ୍ମା, କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଟାଉନ ଥାନା ଅଧିକାରୀ ସଞ୍ଜୟ ମଣ୍ଡଳ, ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି, ଅତିରିକ୍ତ ତହସିଲଦାର ଅଶ୍ୱିନ ମହାପାତ୍ର ଉପଖଣ୍ଡ ଲୋକ ସମ୍ପର୍କ ଅଧିକାରୀ ଯଶୋଦା ଗାଦବା ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ। ଐତିହାସିକ ଜଗନ୍ନାଥ ସାଗର ପୋତି ହୋଇଯାଉଥିବାରୁ ସେଠାରେ ଗଣେଶ କିମ୍ବା ବିଶ୍ୱକର୍ମା ମୂର୍ତ୍ତି ବିସର୍ଜନ କରିବା ପାଇଁ ଅନୁମତି ନ ଦେବାକୁ ନିଷ୍ପତ୍ତି ହୋଇଥିଲା। ଶାନ୍ତିଶୃଙ୍ଖଳାର ସହ ପୂଜା କରିବା, ଗଣ୍ଡଗୋଳ ନ କରିବା, ଗାଡି ଅଟକାଇ ଚାନ୍ଦା ଆଦାୟ ବନ୍ଦ କରିବା, ରାତି ୧୦ଟା ପରେ ମାଇକ ନ ବାଜିବା ଏବଂ ବିସର୍ଜନ ଶୋଭାଯାତ୍ରା ବନ୍ଦ କରିବା ଲାଗି ନିଷ୍ପତ୍ତି ହୋଇଥିଲା। ୬୫ ଡେସିମିଲରୁ ଅଧିକ ଡାକବାଜି ଯନ୍ତ୍ର ବାଜିଲେ ପୂଜାନୁଷ୍ଠାନକୁ ଦଣ୍ଡିତ କରିବା, ପୂଜାଦିନଠାରୁ ୩,୫ ଓ ୭ ଦିନ ମଧ୍ୟରେ ଭସାଣି କରିବା, ବିସର୍ଜନ ସମୟରେ ଅଶ୍ଳୀଳ ଗୀତ ନ ବଜାଇବା, ମଦ ପିଇ ଗଣ୍ଡଗୋଳ ନ କରିବା, ଭସାଣି ବେଳେ ବାଣ ନ ଫୁଟାଇବା, ପ୍ରଶାସନର ଚିହ୍ନଟ ସ୍ଥାନରେ ମୂର୍ତ୍ତି ବିସର୍ଜନ କରିବା ପାଇଁ ଅନୁଷ୍ଠାନଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ୫୦ରୁ ଉର୍ଦ୍ଧ୍ୱ ପୂଜା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ଉପ ଜିଲାପାଳ ପ୍ରଧାନ ପୂଜା କମିଟିମାନେ ପୋଲିସର ଅନୁମତି ନେଇ ପୂଜା କରିବା, ପ୍ରତ୍ୟେକ ପୂଜା ପଣ୍ଡପ ନିକଟରେ ବାଲି ବସ୍ତା ଓ ପାଣି ରଖିବାକୁ ପରାମର୍ଶ ଦେଇଥିଲେ।

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି

କାଲିମେଳା, ୨୩ା୮(ଡି.ଏନ.ଏ.)- ମାଲକାନଗିରି ଜିଲା କାଲିମେଳା ବ୍ଲକ ସଭାଗୃହରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଶାଲ ସିଂ କାଲିମେଳାରେ ପହଞ୍ଚିବା ପରେ ପ୍ରଥମେ ବ୍ଲକ କାର୍ଯ୍ୟାଳୟଠାରେ ନିର୍ମିତ ବିଡିଓଙ୍କ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ପରେ ସଭାଗୃହରେ ଅଭିଯୋଗ ଶୁଣାଣି କରିଥିଲେ। ଶିବିରରେ ବ୍ୟକ୍ତିଗତ, ଓ ସାମୂହିକ ଏପରି ମୋଟ ୨୭ଟି ଅଭିଯୋଗର ଶୁଣାଣି କରି ଜିଲାପାଳ ସମାଧାନ କରିଥିଲେ। କାଲିମେଳାର ଏକମାତ୍ର କ୍ରୀଡ଼ା ଷ୍ଟାଡିୟମକୁ ନେଇ ସୃଷ୍ଟି ହୋଇଥିବା ବିବାଦର ସମାଧାନ ପାଇଁ ସ୍ଥାନୀୟ ଲୋକେ ଜିଲାପାଳଙ୍କୁ ନିବେଦନ କରିଥିଲେ। ଷ୍ଟାଡିୟମର ପୁନରୁଦ୍ଧାର ପାଇଁ ଅଞ୍ଚଳବାସୀ ଦାବିପତ୍ର ଦେଇଥିଲେ। ଉପଜିଲାପାଳ ଅକ୍ଷୟ ଖେମୁଣ୍ଡୁ, ପ୍ରକଳ୍ପ ଅଧିକାରୀ ବାଳ ମୁକୁନ୍ଦ ଭୂୟାଁ, ବ୍ଲକ ଅଧ୍ୟକ୍ଷା ସୁବାସିନୀ ସୋଡ଼ି, ବିଡିଓ ଉମାଶଙ୍କର ଦଳାଇ, ତହସିଲଦାର ଦୁର୍ଗା ପ୍ରସାଦ ଦୋରା, ଜିଲା ଶିକ୍ଷା ଅଧିକାରୀ ମାନସ ରଞ୍ଜନ ଜେନାଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ନୂତନ ଶାଖା ଉଦ୍‌ଘାଟିତ




ଅତିଥିମାନେ ବ୍ୟାଙ୍କ ଶାଖାକୁ ଉଦ୍‌ଘାଟନ କରୁଛନ୍ତି ।

ମାଲକାନଗିରି, ୨୩ା୮(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଜାତୀୟକରଣ ବ୍ୟାଙ୍କର ଅଭାବ ଥିବାରୁ ବିଭିନ୍ନ କ୍ଷେତ୍ରରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାରୁ ହିତାଧିକାରୀମାନେ ଲାଭ ଉଠାଇ ପାରୁ ନ ଥିଲେ। ଏହାକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲାପାଳ ବିଶାଳ ସିଂ ବ୍ୟାଙ୍କ ଅଫ ମହାରାଷ୍ଟ୍ରର କର୍ତ୍ତୃପକ୍ଷଙ୍କୁ ମାଲକାନଗିରି ଜିଲାରେ ବ୍ୟାଙ୍କର ଏକ ଶାଖା ପ୍ରତିଷ୍ଠା ପାଇଁ ପରାମର୍ଶ ଦେଇଥିଲେ। ଫଳରେ ବ୍ୟାଙ୍କ କର୍ତ୍ତୃପକ୍ଷ ଜିଲାପାଳଙ୍କ ପ୍ରସ୍ତାବକୁ ବିଚାର କରି ମାଲକାନଗିରିରେ ବ୍ୟାଙ୍କ ଅଫ ମହାରାଷ୍ଟ୍ରର ଏକ ଶାଖା ମଙ୍ଗଳବାର ଖୋଲିଛନ୍ତି। ଜିଲା କୋର୍ଟ ସମ୍ମୁଖରେ ଏହି ବ୍ୟାଙ୍କକୁ ଜିଲ୍ଲାପାଳ ସିଂ ଉଦ୍‌ଘାଟନ କରିଥିଲେ। ଓଡ଼ିଶାରେ ଏହା ହେଉଛି ବ୍ୟାଙ୍କର ୩୩ତମ ଶାଖା। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜୋନର ଡି.ଜେଡ୍.ଏମ୍. ଶଶାଙ୍କ ସାହୁ, ମାଲକାନଗିରି ବ୍ୟାଙ୍କ ମ୍ୟାନେଜର ଶିଶିର ନାୟକଙ୍କ ସହ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ୫୩୫ ସ୍ୱୟଂ ସହାୟକ ଗୋଷ୍ଠୀକୁ ଷ୍ଟେଟ ବ୍ୟାଙ୍କ ଦେଲା ୧୦ କୋଟି ଋଣ




ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ବାବଦକୁ ଚେକ୍ ପ୍ରଦାନ କରାଯାଉଛି ।

ମାଲକାନଗିରି, ୨୩ା୮(ଡି.ଏନ୍.ଏ.)

ମାଲକାନଗିରି ସଂସ୍କୃତି ଭବନଠାରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ମଙ୍ଗଳବାର ଏକ ବୃହତ ଋଣ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ବ୍ୟାଙ୍କର ଭୁବନେଶ୍ୱରର ରାଜ୍ୟ ସାଧାରଣ ପରିଚାଳକ ଉତ୍ତମ କୁମାର ହାଜାରି ଚୌଧୁରୀ ସଭାପତିତ୍ୱ କରିଥିଲେ। ଜିଲ୍ଲାପାଳ ବିଶାଳ ସିଂ, ଡି.ଆର୍.ଡି.ଏ.ପ୍ରକଳ୍ପ ନିର୍ଦ୍ଦେଶକ ବାଲମୁକୁନ୍ଦ ଭୂୟାଁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ ନନ୍ଦ, ଜୟପୁର ଷ୍ଟେଟ ବ୍ୟାଙ୍କର ଡିଜିଏମ ସନ୍ଦିପ କୁମାର ଚୌବେ ମାଲକାନଗିରି ଷ୍ଟେଟ ବ୍ୟାଙ୍କର ମୁଖ୍ୟ ପରିଚାଳକ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାର ୫୩୫ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଆକାଉଣ୍ଟକୁ ୧୦ କୋଟି ୧୦ ଲକ୍ଷ ଟଙ୍କା ଋଣ ପଠାଯାଇଥିଲା। ୩ଜଣ ମହିଳାଙ୍କୁ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ପାଇଁ ୨ ଲକ୍ଷ ୯୦ ହଜାର ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ଜିଲାପାଳ ସିଂ ଉପସ୍ଥିତ ମହିଳାମାନଙ୍କୁ ଏହି ଅର୍ଥର ଉପଯୁକ୍ତ ବିନିଯୋଗ କରି ସେମାନଙ୍କ ଆର୍ଥିକ ମାନଦଣ୍ଡର ଉନ୍ନତି କର ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। ମାଲକାନଗିରି ଜିଲାରେ ୨ହଜାରରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୩୭ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଋଣ ପ୍ରଦାନ କରାଯାଇଥିବା ପ୍ରକଳ୍ପ ନିର୍ଦ୍ଦେଶକ ଭୂୟାଁ ସୂଚନା ଦେଇଥିଲେ। କୌଣସି ଗୋଷ୍ଠୀ ଅସୁବିଧାର ସମ୍ମୁଖୀନ ହେଲେ ବ୍ୟାଙ୍କ ଏବଂ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସେମାନଙ୍କୁ ସବୁପ୍ରକାର ସହଯୋଗ ଯୋଗାଇଦେବ ବୋଲି ସେ କହିଥିଲେ। ରିଜିଅନାଲ ମ୍ୟାନେଜର କାବୁଲା ବେହେରା ଧନ୍ୟବାଦ ଦେଇଥିଲେ।

# ବ୍ୟାଡ଼ମିଣ୍ଟନରେ ବିଦ୍ୟାମନ୍ଦିର ଛାତ୍ରୀଙ୍କ ସଫଳତା

ଦାମନଯୋଡି,୨୩ା୮(ହଇ.ଏନ.ଏ.)

କୋରାପୁଟ ଜିଲା ବ୍ୟାଡମିଣ୍ଟନ ଆସୋସିଏଶନ ଦ୍ୱାରା ଆୟୋଜିତ ପ୍ରଥମ ଜିଲା ବ୍ୟାଡମିଣ୍ଟନ ପ୍ରତିଯୋଗିତା ୧୯ରୁ ୨୧ ପର୍ଯ୍ୟନ୍ତ କୋରାପୁଟ ଇନଡୋର ଷ୍ଟାଡିୟମରେ ହୋଇଥିଲା। ଏଥିରେ ନାଲକୋ ଟାଉନଶିପ ସରସ୍ୱତୀ ବିଦ୍ୟାମନ୍ଦିରର ଛାତ୍ରୀ ଝିମାଇ ଖିଲ ୧୯ ବର୍ଷରୁ କମ ସିଙ୍ଗଲସ ବର୍ଗରେ ଭାଗ ନେଇ ଚାମ୍ପିୟାନ ହୋଇଥିବା ବେଳେ ହେମଲତା ବୁଡିଆ ରନର୍ସ ଅପ ହୋଇଛନ୍ତି। ମହିଳା ଡବଲସରେ ମଧ୍ୟ ଏହି ଦୁଇ ଛାତ୍ରୀ ରନର୍ସ ଅପ ହୋଇଛନ୍ତି। ମହିଳା ଡବଲସରେ ଏହି ସରସ୍ୱତୀ ବିଦ୍ୟାମନ୍ଦିରର ଦୁଇ ପୂର୍ବତନ ଛାତ୍ରୀ ରାଜେଶ୍ୱରୀ ଖରା ଓ ମୁନି ଜାନି ମଧ୍ୟ ଚାମ୍ପିୟନ ହୋଇଥିବା ଜଣାପଡିଛି। ଛାତ୍ରୀ ଲିପି ଟାକ୍ରୀ ଓ ସୁମନ ଖରା ମଧ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷକ ଡ. ରମେଶ ଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଝିମାଇ ଓ ହେମଲତା ରାଜ୍ୟସ୍ତରରେ ମଧ୍ୟ ଭଲ ପ୍ରଦର୍ଶନ କରିବେ ବୋଲି ଡ ସ୍ୱାଇଁ କହିଛନ୍ତି। ଛାତ୍ରୀଙ୍କ ସଫଳତା ପାଇଁ ବିଦ୍ୟାମନ୍ଦିର ପରିଚାଳନା ସମିତି କର୍ମକର୍ତ୍ତାଙ୍କ ସମେତ ଅଧ୍ୟକ୍ଷ ଡ. ଶୁଭ୍ରାଂଶୁ ଶେଖର ବାହିନୀପତି ଶୁଭେଚ୍ଛା ଜଣାଇଛନ୍ତି।

# ଜାତୀୟ ରାଜପଥ ଉପରେ ସହରର ନର୍ଦ୍ଦମାଜଳ

କୋରାପୁଟ,୨୩ା୮(ସ୍ୱ.ପ୍ର.)



ଜାତୀୟ ରାଜପଥ ପାର୍ଶ୍ୱରେ ଜାମା ହୋଇଥିବା ନର୍ଦ୍ଦମାଜଳ।

କୋରାପୁଟ ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥରେ ସହରର ନର୍ଦ୍ଦମା ଜଳ ମାସ ମାସ ଧରି ପ୍ରବାହିତ ହେଉଥିବା ଦେଖିବାକୁ ମିଳୁଛି। ଫଳରେ ଯାତାୟାତ ବେଳେ ଲୋକେ ହଇରାଣ ହେଉଛନ୍ତି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରେଲୱେ ଓଭର ବ୍ରିଜ୍ ନିକଟ ଦେଇ ଯାଇଥିବା ଏହି ରାଜପଥ କଡରେ ଥିବା ନାଳ ବର୍ଷ ବର୍ଷ ଧରି ପୋତି ହୋଇ ରହିଛି। ଏହାକୁ ଠିକ୍ ରୂପେ ସଫା କରାଯାଉ ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଅଧିକ ବର୍ଷା ହେଲେ ଏହି ସ୍ଥାନରେ ଆଣ୍ଠୁଏ ପାଣି ପ୍ରବାହିତ ହେଉଛି । ଏହି ସମୟରେ ଉକ୍ତ ରାସ୍ତାରେ ଗାଡିମୋଟର ଚଳାଚଳ ପ୍ରଭାବିତ ହେଉଛି। କୋରାପୁଟ ମ୍ୟୁନିସିପାଲିଟି ଅନ୍ତର୍ଗତ ବ୍ୟସ୍ତ ବହୁଳ ଏହି ରାସ୍ତା ଉପରେ ନାଳ ପାଣି ପ୍ରବାହିତ ହେଉଥିଲେ ମଧ୍ୟ ଏଥିପ୍ରତି ଜାତୀୟ ରାଜପଥ ବିଭାଗ କିମ୍ବା ମ୍ୟୁନିସିପାଲିଟିର ନଜର ପଡୁନି। ଏ ନେଇ ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀଙ୍କୁ ପଚାରିବାରୁ ଏ ଦିଗରେ ମ୍ୟୁନିସିପାଲିଟି ପକ୍ଷରୁ ଜାତୀୟ ରାଜପଥ ବିଭାଗ ସହ ଆଲୋଚନା କରି ଶୀଘ୍ର ପଦକ୍ଷେପ ନେବେ ବୋଲି କହିଥିଲେ।

